# Akashvani, Sambalpur

## SAMBALPURI NEWS BULLETIN

### 2 July 2025- 6.47- 6.52 am.

**********************************************

ହେରାପଂଚ୍‌ମୀ ନୀତି ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଗଲା ରାତି ହେରାପଂଚ୍‌ମୀ ନୀତି ଶେଷ୍ ହେଇଛେ । ସେବକ ଆଉ ଦାସୀମାନ୍‌କର୍ ସାଙ୍ଗେ ମହାଲକ୍ଷ୍ମୀ ଶରଧାବାଲି ନ ବିଜେ ହେଇକରି ନନ୍ଦିଘୋଷ ରଥ ଭାଙ୍ଗିଛନ୍ । ପବିତ୍ର ହେରାପଂଚ୍‌ମୀକେ ନେଇକରି ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ଗୁଟେ ରିପୋର୍ଟ....

(ଭଏସ୍ ଓଭର୍- ବିସ୍ମିତା ପ୍ରଧାନ୍)

*ଜନ୍ମବେଦୀ ନ ଚାଲିଛେ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ଲୀଳାଖେଳା । ପ୍ରାଣପ୍ରିୟା ମା ମହାଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିର୍ ନ ଛାଡ଼ିକରି ପ୍ରଭୁ ଶ୍ରୀ ଜଗନ୍ନାଥ୍ ଭାଇ ବହେନ୍ ସାଙ୍ଗେ ୯ ଦିନ୍ ଲାଗି ଗୁଣ୍ଡିଚା ମନ୍ଦିର୍‌କେ ଯାତ୍ରା କରିଛନ୍ । ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଶ୍ରୀମନ୍ଦିର୍ ନ ନାଇଁ ପାଇକରି ଗଲାକାଏଲ୍ ହେରା ପଂଚ୍‌ମୀ ଅବ୍‌ସରେ ମା ମହାଲକ୍ଷ୍ମୀ ଖୁଜି ବାହାରିଥିଲେ । ମା ବିମଳାଙ୍କର୍ ପରାମର୍ଶଥି ମୋହିନୀ ଚୂର୍ଣ୍ଣ ଧରିକରି ମହାଲକ୍ଷ୍ମୀ ନନ୍ଦିଘୋଷ ରଥ ପାଖକେ ପୁହୁଁଚିବାର୍ ଉତ୍‌ରୁ ବନ୍ଦାପନା ନୀତି କରାଯାଇଥିଲା । ତାର୍*

*ଉତ୍ରୁ ଶ୍ରୀଗୁଣ୍ଡିଚା ମନ୍ଦିର୍ ନ ପୁହୁଁଚିବାର୍‌ନୁ ସନ୍ଧ୍ୟାଧୂପ ଚାଲିଥିବାର୍ ଲାଗି ଜୟବିଜୟ ଦ୍ୱାର ନ ଡେରା ପଡ଼ିଥିଲା । ମାହାପ୍ରୁଭୁଙ୍କର୍ ଦର୍ଶନ୍ ନାଇଁ ପାଇକରି ମହାଲକ୍ଷ୍ମୀ ଆଜ୍ଞାମାଳ ଧରିକରି ନାକଚଣା ବାଟ୍ ଦେଇକରି ବାହାରି ଆସିଥିଲେ । ତାର୍ ଉତ୍ରୁ ହେରାଗୌରୀ ସାହି ଦେଇକରି ଶ୍ରୀମନ୍ଦିର୍‌କେ ଫିରି ଆସିଥିଲେ । ଫିର୍‌ଲାବାଟେ ମହାଲକ୍ଷ୍ମୀ ରାଗେ ନନ୍ଦିଘୋଷର ରଥର୍ କିଛି ଅଂଶକେ ଭାଙ୍ଗି ଦେଇଥିଲେ ।*

*ପ୍ରଭୁ ଶ୍ରୀଜଗନ୍ନାଥ୍ ମହାଲକ୍ଷ୍ମୀଙ୍କର୍ ଇ ମାନବୀୟ ଲୀଳା ଦେଖିବାର୍ ଲାଗି ବଡ଼ଦାଣ୍ଡ ନ ଶ୍ରଦ୍ଧାଳୁଙ୍କର୍ ଜବର୍ ଭିଡ଼୍ ଜମିଥିଲା । ମହାଲକ୍ଷ୍ମୀଙ୍କର୍ ଅଭିମାନ୍‌କେ ସମ୍ମାନ୍ ଜନେଇକରି ଆଏଜ୍ ସଖାଲଧୂପ ସର୍‌ବାର୍ ଉତ୍ରୁ ବାହୁଡ଼ା ଯାତ୍ରା ଲାଗି ତିନ୍‌ହି ରଥକେ ଦକ୍ଷିଣ ମୋଡ଼୍ କର୍‌ବାର୍‌କେ ଶ୍ରୀଜଗନ୍ନାଥ୍ ଆଜ୍ଞାମାଳ ଦେବେ । ଆକାଶବାଣୀ ସମ୍ବଲପୁର ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପ୍ରଧାନ୍ ।*

ମୁଖ୍ୟମନ୍ତ୍ରୀ ରଥଯାତ୍ରା ସମୀକ୍ଷା ବୈଠକ୍     ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ପୁରୀ ଠାନେ ରଥଯାତ୍ରା ସୁରକ୍ଷା ବାବଦ୍ ବୈଠକ୍‌ଥି ଯୋଗ୍ ଦେଇକରି ରଥଯାତ୍ରାର୍ ବାକି ସବୁ ନୀତି ବେଲ୍‌କେ ସୁରକ୍ଷାର୍ ୩ ଟା ଦିଗ୍ ଲାଗି ପରାମର୍ଶ ଦେଇଛନ୍ । ସୁରୁଖୁରୁଥି ରଥଯାତ୍ରା ପରିଚାଳନା ଆଉ ଭକ୍ତଙ୍କର୍ ସୁରକ୍ଷା, ଟ୍ରାଫିକ୍

ନିୟନ୍ତ୍ରଣ୍ ଆଉ ଅଗ୍ନିଶମ ସେବା ଉପ୍‌ରେ ମୁଖ୍ୟମନ୍ତ୍ରୀ ଜୋର୍ ଦେଇଛନ୍ । ସମିଆ ଜାନି ନିର୍ଭୁଲ୍ ଭାବେ ଭିଡ଼୍ ଆକଲନ୍ କରିକରି ତାର୍ ନିୟନ୍ତ୍ରଣ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ପୁଲିସ୍ ପ୍ରଶାସନ୍‌କେ ପରାମର୍ଶ ଦେଇଛନ୍ । ବାହୁଡ଼ା, ସୁନାବେଶ ଆଉ ନୀଳାଦ୍ରୀ ବିଜେ ସମିଆଥି ସମନ୍ୱୟ ରଖିକରି କାମ୍ କର୍‌ବାର୍‌କେ କହିଛନ୍ । ଦର୍‌କାର୍ ପଡ଼୍‌ଲେ ଅଏତ୍‌କା ଫୋର୍ସ ମୁତୟନ୍ କରାଯାଉ । ମାତର୍‌କ ଭକ୍ତମାନ୍‌କର୍ ସୁରକ୍ଷାକେ ଧ୍ୟାନ୍ ଦିଆଯାଉ ବଲି ମୁଖ୍ୟମନ୍ତ୍ରୀ ବୈଠକ୍‌ଥି ପରାମର୍ଶ ଦେଇଛନ୍ ।

କେନ୍ଦ୍ର କେବିନେଟ୍ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍‌ଥି ଦେଶେ ଗବେଷଣା, ବିକାଶ୍, ନୂଆଁସୃଜନ, କ୍ରୀଡ଼ାର୍ ବିକାଶ୍, ରାଜପଥ ସମ୍ପ୍ରସାରଣ୍ ଲାଗି ୨ ଲାଖ୍ କୋଟି ଟଙ୍କାର୍ ଗୁଟେ ଖାସ ପେକେଜ୍‌କେ ଅନୁମୋଦନ୍ କରାଯାଇଛେ । ଗବେଷଣା, ବିକାଶ୍ ଆଉ ନୂଆଁ ସୃଜନ୍ ଲାଗି ଲାଖେ କୋଟି ଟଙ୍କା ର୍ ଆର୍‌ଡିଆଇ ଯୋଜ୍‌ନାକେ ଭିଲ୍ ମଞ୍ଜୁର୍ କରାଯାଇଛେ । ଇଥିର୍‌ଲାଗି ଦେଶେ ନୂଆଁ ଉଦ୍ଭାବନ୍ ତୁର୍‌ତି ହେଇପାର୍‌ବା । ସେନ୍ତା ୯୯ ହଜାର୍ ୪ ଶହ ୪୬ କୋଟି ଟଙ୍କାର୍ ନିଯୁକ୍ତି ବାବଦ୍ ପ୍ରୋତ୍ସାହନ୍ ଇ.ଏଲ୍.ଆଇ. ଯୋଜ୍‌ନା, ଖେଲୋ ଭାରତ୍ ନୀତି -୨୦୨୫କେ ଭିଲ୍ ଅନୁମୋଦନ୍ କରାଯାଇଛେ ।

ଜଲବିବାଦ୍ ଟ୍ରିବ୍ୟୁନାଲ-ଓଡ଼ିଶା,ଛତିଶ୍‌ଗଡ଼୍/ଆର୍‌ଏନ୍‌ୟୁ ସମ୍ବଲପୁର

ଓଡ଼ିଶା ଆଉ ଛତିଶ୍‌ଗଡ୍ ଭିତ୍‌ରେ ଲାଗି ରହିଥିବା ମହାନଦୀ ଜଲ ବିବାଦ୍‌ର ସମାଧାନ୍ ଲାଗି ଆଏବା ୧୪ ତାରିଖ୍ ଦିନ ମହାନଦୀ ଜଲବିବାଦ୍ ଟ୍ରିବ୍ୟୁନାଲ୍ ନ ଶୁଣାଣି ହେବା । ଦିନର୍ ୧୧ ବଜେ ଶୁଣାଣି ମୁଲ୍ କର୍‌ବାର୍‌କେ ଟ୍ରିବ୍ୟୁନାଲ୍ ରେଜିଷ୍ଟ୍ରାର୍‌ଙ୍କର୍ ତର୍‌ଫୁ ପକ୍ଷଭୁକ୍ତ ରାଜ୍ୟମାନ୍‌କୁ ସୂଚ୍‌ନା ଦିଆଯାଇଛେ । ଇଟା ଟ୍ରିବ୍ୟୁନାଲ୍‌ର ୪୩ ନମ୍ବର୍ ଶୁଣାଣି ହେବା ।

ଉପମୁଖ୍ୟମନ୍ତ୍ରୀ- ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ସମୀକ୍ଷା I&PR

ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ୍ ନିଗମ -ଓପିଜିସି ଆଉ ଓଡ଼ିଶା ଜଲବିଦ୍ୟୁତ୍ ନିଗମ୍- ଓଏଚ୍‌ପିସି ର ଭିନ୍ ଭିନ୍ ପ୍ରକଳ୍ପର୍ ସମୀକ୍ଷା କରିଛନ୍ । ତିଆର୍ ଚାଲିଥିବା ପ୍ରକଳ୍ପମାନ୍‌କୁ ତୁର୍‌ତି ସାର୍‌ବାର୍‌କେ ଶକ୍ତିମନ୍ତ୍ରୀ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ପ୍ରକଳ୍ପମାନେ କାର୍ଯ୍ୟକାରୀ ହେଲେ ରାଜ୍ୟର୍ ବିଦ୍ୟୁତ୍ ଭିତିଭୂମି ବର୍‌କସ୍ କର୍‌ବାର୍ ଦିଗେ ମାଇଲ୍‌ଖୁଂଟା ହେବା ବଲି ସେ କହିଛନ୍ ।

ଶକ୍ତିମନ୍ତ୍ରୀ ସମ୍ମିଳନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଇ ବଛର୍ ଶେଷ୍ ଆଡ୍‌କେ ଓଡ଼ିଶା ନ ଦେଶର୍ ଶକ୍ତିମନ୍ତ୍ରୀ ମାନ୍‌କର୍ ସମ୍ମିଳନୀ ହେବା । ଟୋନିବ୍ଲେୟାର୍ ଇନ୍‌ଷ୍ଟିଚ୍ୟୁଟ୍ ଆଉ ଆଇଆଇଟି କାନ୍‌ପୁର୍ ତର୍‌ଫୁ ହେବାର୍‌କେ ଥିବାର୍ ସମ୍ମିଳନୀ ଆୟୋଜନ୍ ଲାଗି ଗଲାକାଏଲ୍ ଶକ୍ତିମନ୍ତ୍ରୀ ଆଉ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ପ୍ରସ୍ତୁତିର୍ ସମୀକ୍ଷା କରିଛନ୍ । ସମ୍ମିଳନୀଥି ସାରା ଦେଶର୍ ଶକ୍ତିମନ୍ତ୍ରୀ ଯୋଗ୍ ଦେଇକରି ଶକ୍ତିକ୍ଷେତ୍ରକେ ଅଏତ୍‌କା ବର୍‌କସ୍ ଆଉ ପ୍ରଭାବ୍‌ଶାଲୀ କର୍‌ବାର୍ ଦିଗେ ରଣନୀତି ବନାବେ । ଇସବୁଥି ଓଡ଼ିଶା ନେତୃତ୍ୱ ନେବା । ସମ୍ମିଳନୀଥି ଓଡ଼ିଶାର୍ ନବସୃଜନ ସମାହାର ପ୍ରଦର୍ଶନ୍ କରାଯିବା ।

ଯୁକ୍ତ ୩- ୩ ନମ୍ବର୍ ମେଧା ତାଲିକା I&PR

୨୦୨୫-୨୬ ଶିକ୍ଷା ବଛ୍‌ରେ ଯୁକ୍ତ ୩ ଥି ନାଁ ଲେକାବାର୍‌କେ ୩ ନମ୍ବର୍ ମେଧାତାଲିକା ଗଲାକାଏଲ୍ ବାହାରିଛେ । ଇଥି ୪୯ ହଜାର୍ ୮ ଶହ ୧୮ ଝନ୍ ଛାତ୍ରଛାତ୍ରୀ ମନୋନୀତ୍ ହେଇଛନ୍ । ଇମାନେ ଆଏଜ୍‌ଠାନୁ ୪ ତାରିଖ୍ ଭିତ୍‌ରେ ନାଁ ଲେଖେଇପାର୍‌ବେ ।

ଆଇଆଇଏମ୍ ସମ୍ବଲ୍‌ପୁର-ନୂଆ କୋର୍ସ ସମ୍ବଲପୁର ସମ୍ବାଦଦାତା

ଦେଶେ ପହେଲାକରି ଆଇଆଇଏମ୍ ସମ୍ବଲ୍‌ପୁର୍ ତର୍‌ଫୁ ୨ ଟା ୪ ବଛ୍‌ରିଆ ଅଣ୍ଡର୍ ଗ୍ରାଜୁଏଟ୍ ପାଠ୍ୟକ୍ରମ୍ ମୁଲ୍ ହେବାର୍‌କେ ଯାଉଛେ । ଇ ୨ ଟା ପାଠ୍ୟକ୍ରମ ହେଲା 'ବିଏସ୍ ପ୍ରୋଗ୍ରାମ୍ ଇନ୍ ଡାଟା ସାଇନ୍ସ ଆଣ୍ଡ ଏଆଇ' ଆଉ 'ବିଏସ୍ ପ୍ରୋଗ୍ରାମ୍ ଇନ୍ ମେନେଜ୍‌ମେଂଟ୍ ଆଣ୍ଡ ପବ୍ଲିକ୍ ପଲିସି' । ଇ ଦୁହି ପାଠ୍ୟକ୍ରମ୍ ଲାଗି ଯୁକ୍ତ ଦୁଇ ପାସ୍ କରିଥିବା ଛାତ୍ରଛାତ୍ରୀମାନେ ନାଁ ଲେଖେଇପାର୍‌ବେ । ଆଉ ଇଥି ୯୦ ଟା ଲେଖା ସିଟ୍ ବ୍ୟବସ୍ଥା ଅଛେ ।

ଡାଲୁଆ ଧାନ୍ ଘିନା ନୂଆପଡ଼ା ସମ୍ବାଦଦାତା

୨୦୨୪-୨୫ ଡାଲୁଆ ଧାନ୍ ଘିନାଥି ନୂଆପଡ଼ା ଜିଲ୍ଲା ପହେଲା ଠାନ୍ ପାଇଛେ । ଇ ଖେଡ଼୍‌ଥି ପ୍ରଶାସନ୍ ତର୍‌ଫୁ ଜିଲ୍ଲା ନ ଶହେ ୫୩ ପ୍ରତିଶତ୍ ଧାନ୍ ଘିନାଯାଇଛେ । ଇଥର ୪୬ ଟା ସମବାୟ ସମିତି ତର୍‌ଫୁ ୧୨ ହଜାର୍ ୮ ଶହ ୮୫ ଝନ୍ ଚାଷୀ ପଞ୍ଜିକୃତ ହେଇଥିଲେ । ସେମାନ୍‌କର୍‌ଠାନୁ ୭ ଲାଖ୍ ୪୦ ହଜାର୍ କ୍ୱିଂଟାଲ୍ ଧାନ୍ ଘିନାଯାଇଛେ ବଲି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍‌ର ବଲେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଜବର୍ ବର୍ଷା ଲାଗି ରହିଛେ ।  ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍, ବର୍‌ଗଡ଼୍ ସହେତେ ରାଜ୍ୟର ୮ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।